ସମାଜ
96 YEARS OF EXCELLENCE 1919-2015
୩୧ ଅଗଷ୍ଟ ୨୦୧୬

### ଭୁବନେଶ୍ୱର ଆଇଆଇଟିର ୫ମ ସମାବର୍ତ୍ତନ ଉତ୍ସବ

# 'ସମାଜ ମଙ୍ଗଳରେ ଉପଯୋଗ ହେଉ ଗବେଷଣା'




ଜଟଣୀ,୩୦।୮(ନି.ପ୍ର): ଛାତ୍ରଛାତ୍ରୀଙ୍କ ଗବେଷଣା କିପରି ସମାଜ ମଙ୍ଗଳରେ ଅଧିକରୁ ଅଧିକ ଉପଯୋଗ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଭୁବନେଶ୍ୱର ଆଇଆଇଟିର ୫ମ ସମାବର୍ତ୍ତନ ଉତ୍ସବରେ ମତପ୍ରକାଶ ପାଇଛି ।

ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ଭି. ରାଜକୁମାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅରଗୁଳସ୍ଥିତ ପ୍ରତିଷ୍ଠାନର ସମାବର୍ତ୍ତନ ଉତ୍ସବରେ ଜାତୀୟ ସ୍ୱୀକୃତି ବୋର୍ଡର ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ କହିଲେ, ଦେଶର ବିକାଶ କ୍ଷେତ୍ରରେ ଆଇଆଇଟି ଛାତ୍ରଛାତ୍ରୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । କେବଳ ଶିକ୍ଷାଗ୍ରହଣ କଲେ ହେବନାହିଁ ଗବେଷଣା ମାଧ୍ୟମରେ ନୂତନ ଆବିଷ୍କାର ଓ ଉଦ୍ଭାବନ କିପରି ସମାଜ ମଙ୍ଗଳରେ ଉପଯୋଗ ହୋଇପାରିବ ତା' ଉପରେ ଗୁରୁତ୍ୱ ଦେବା ଜରୁରୀ। ସମ୍ପ୍ରତି ଦେଶରେ ବିଭିନ୍ନ ପ୍ରାକୃତିକ ବିପତ୍ତି ସାଙ୍ଗକୁ ପରିବେଶଜନିତ ସମସ୍ୟା ଦେଖାଦେଉଥିବାବେଳେ ତା'ର ନିରାକରଣରେ ଆଇଆଇଟି ଛାତ୍ରଛାତ୍ରୀ ଅଗ୍ରଣୀ ଭୂମିକା ଗ୍ରହଣ କରିବାର ଆବଶ୍ୟକ ରହିଛି। ଶିକ୍ଷାଗ୍ରହଣ ପରେ ଜଣେ ଜଣେ ସଫଳ ଉଦ୍ୟୋଗୀ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଦେଶ ଗଠନ ପାଇଁ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରନ୍ତୁ ବୋଲି ସେ କହିଥିଲେ। ଦେଶର ବିକାଶ କ୍ଷେତ୍ରରେ ସମାଜର ଆଶାକୁ ପୂରଣ ଲକ୍ଷ୍ୟ ନେଇ ଆଇଆଇଟି ପ୍ରତିଷ୍ଠା କରାଯାଇଥିବା ନିର୍ଦ୍ଦେଶକ ଶ୍ରୀ ରାଜକୁମାର କହିଥିଲେ ।

## ୧୧୦ଜଣଙ୍କୁ ବି. ଟେକ୍, ୫୫ଜଣଙ୍କୁ ଏମ୍.ଟେକ୍ ଡିଗ୍ରୀ

## ପ୍ରିୟମ୍ ଦେଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣପଦକ

ଉତ୍ସବରେ ୧୧୦ ଜଣ ବି.ଟେକ୍, ୫୫ ଜଣ ଏମ.ଟେକ୍, ୬୯ ଜଣ ଏମଏସସି ଏବଂ ୭ଜଣ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ବି.ଟେକ୍ ଛାତ୍ର ପ୍ରିୟମ୍ ଦେଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣପଦକ, ଥର୍ମାଲ ସାଇନ୍ସ ଏବଂ ଇଞ୍ଜିନିୟରିଂରେ ଏମ.ଟେକ୍ ଛାତ୍ରୀ ଶୁଭଶ୍ରୀ ସୁବୁଦ୍ଧି ଏବଂ ବାୟୁ ମଣ୍ଡଳ ଓ ମହାସମୁଦ୍ର ବିଜ୍ଞାନରେ ଏମଏସସି ଛାତ୍ରୀ ଶ୍ୱେତା ସିଂହଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବି.ଟେକ୍, ଏମ.ଟେକ୍ ଏବଂ ଏମଏସସିରେ ପ୍ରଣୟ ଗୌର, ପ୍ରିୟମ୍ ଦେ, ବି.ରିଭାନ୍ତ, ସୁଭଜିତ ରୟ, ଦିପଞ୍ଜନ ଦେ, ପ୍ରିୟଙ୍କା ଦେ, ଅଂଶୁମାନ ଚୌପଟ୍ଟନାୟକ, ଏ.ପଙ୍କଜ ଦିଲୀପ, ଶୁଭ୍ରଶ୍ରୀ ସୁବୁଦ୍ଧି, ଶ୍ୱେତା ସିଂହ, ସୀମା ପାରିକ, ଦୀକ୍ଷା ତିୱାରୀ ଏବଂ ବସୁନ୍ଧରା ଘୋଷଙ୍କୁ ଇନଷ୍ଟିଚ୍ୟୁଟର ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଆଇଆଇଟି ପରିଚାଳନା ପରିଷଦର ଅଧ୍ୟକ୍ଷ ପଙ୍କଜ ରମଣଭାଇ ପଟେଲ ଉପସ୍ଥିତ ଥିଲେ। ଆଇଆଇଟିର ଡେପୁଟି ରେଜିଷ୍ଟ୍ରାର ସଦାଶିବ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।